## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସାନିଟାଇଜ୍ ହେଲା

ଏମ ଭି ୭୯,୨୬।୮(ଡି.ଏନ.ଏ.)- ମାଲକାନଗିରି ଜିଲା ପ୍ରଶାସନ ନିର୍ଦ୍ଦେଶରେ ବୁଧବାର ଏମଭି-୭୯ ସ୍ୱାସ୍ଥ୍ୟକେନ୍ଦ୍ର ସହ ଏହାର ପରିସରକୁ ସାନିଟାଇଜ୍ କରାଯାଇଛି। କାଲିମେଳା ଅଗ୍ନିଶମ ଅଧିକାରୀ ଗୁପ୍ତେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସାନିଟାଇଜ୍ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ ସ୍ଥାନରୁ ଲୋକେ ଆସୁଥିବାରୁ ଏହି ପଦକ୍ଷେପ ନିଆଯାଇଛି।

### ହାଲ୍ ଟାଉନଶିପରେ କୋଭିଡ୍ ସେବା କେନ୍ଦ୍ର ଉଦ୍‌ଘାଟିତ

ସୁନାବେଡା,୨୬।୮(ସ୍ୱ. ପ୍ର.)- ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇଚାଲିଛି। କୋରାପୁଟ ଜିଲା ମଧ ଏଥିରୁ ବାଦ୍ ପଡିନି। କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ହାଲ ପକ୍ଷରୁ ହାଲ ଟାଉନଶିପ ପରିସରେ ଏକ ୫୦ ଶଯ୍ୟା ବିଶିଷ୍ଟ କୋଭିଡ ସେବାକେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ହାଲର କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମରେ ହାଲ ହସ୍ପିଟାଲ ଡାକ୍ତର ଅନିତା ଜୈନ, ଡାକ୍ତର ସଞ୍ଜୟ ମହାପାତ୍ର, ଉପ ମହାପ୍ରବନ୍ଧକ କେ. ଅଶୋକାନ, ସୁନାବେଡା ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପ ମହାପ୍ରବନ୍ଧକ ସୂର୍ଯ୍ୟକାନ୍ତ ରାଉତ ଓ ଉପ ମହାପ୍ରବନ୍ଧକ ରାହୁଲ କୁମାର ଉପସ୍ଥିତ ଥିଲେ।

### ନବରଙ୍ଗପୁରରୁ ୬୫ ପଜିଟିଭ

ନବରଙ୍ଗପୁର,୨୬।୮(ବି.ପ୍ର.)- ନବରଙ୍ଗପୁର ଜିଲାରେ ବୁଧବାର ୬୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ନବରଙ୍ଗପୁର ପୌରାଞ୍ଚଳରୁ ୧୮ ଓ ବ୍ଲକରୁ ୮, ଉମରକୋଟ ବ୍ଲକରୁ ୬ ଓ ପୌରାଞ୍ଚଳରୁ ୧୨, ଡାବୁଗାଁ ବ୍ଲକରୁ ୨, ତେନ୍ତୁଳିଖୁଣ୍ଟିରୁ ୯, ନନ୍ଦାହାଣ୍ଡିରୁ ୮ ଓ କୋଷାଗୁମୁଡା ବ୍ଲକରୁ ୨ ଜଣ କରୋନା ସଂକ୍ରମିତ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ବର୍ତ୍ତମାନ ୯୫୯ ପଜିଟିଭ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୫୮୩ ଜଣ ସୁସ୍ଥ ହୋଇସାରିଲେଣି। ୩୭୩ ଜଣ ଚିକିତ୍ସାଧୀନ ଅଛନ୍ତି। ଅଦ୍ୟାବଧି ଜିଲାରେ ୪୦ ହଜାର ୧୩୩ ସ୍ୱାବ ପରୀକ୍ଷା ହୋଇଛି।

### ରାୟଗଡ଼ାରେ ୧୪୬ ଆକ୍ରାନ୍ତ

ରାୟଗଡ଼ା ଅଫିସ,୨୬।୮- ରାୟଗଡ଼ା ଜିଲାରୁ ବୁଧବାର ୧୪୬ ଜଣ କୋରନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମୁନିଗୁଡ଼ାରୁ ୭୩, ବିଷମକଟକରୁ ୨୧ , ଗୁଡ଼ାରୀରୁ ୧୩ , ଚନ୍ଦ୍ରପୁରରୁ ୧୨ , ଗୁଣୁପୁର ଅରବାନରୁ ୧୦ ଓ ରୁରାଲରୁ ୩ , କୋଲନରାରୁ ୩ , ରାୟଗଡ଼ା ଅରବାନ ୧ ଓ ରୁରାଲରୁ ୧ ଓ ପଦ୍ମପୁରରୁ ୯ ଜଣ ପିଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରେ ୧୧ଜଣ କରୋନା ଯୋଦ୍ଧା ରହିଛନ୍ତି। ବୁଧବାର ସୁଦ୍ଧା ଜିଲାରେ କରୋନାରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ମୋଟ ୩୪୨୦ ପଜିଟିଭଙ୍କ ମଧ୍ୟରୁ ୨୦୩୬ ଜଣ ସୁସ୍ଥ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ୩ଦିନ ବନ୍ଦ କରାଯାଇଛି। ସେହିଭଳି ରାୟଗଡ଼ାସ୍ଥିତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର କିଛି କର୍ମଚାରୀ କରୋନା ପଜିଟିଭ ହେବାପରେ ବ୍ୟାଙ୍କକୁ ୩୧ ତାରିଖ ପର୍ଯ୍ୟନ୍ତ ଜିଲାପାଳ ପ୍ରମୋଦ କୁମାର ବେହେରା ବନ୍ଦ ଘୋଷଣା କରିଛନ୍ତି।

### ଅଁଲା ଗାଁ ୫ଯାଏ ଶଟଡାଉନ୍

ଡାବୁଗାଁ,୨୬।୮ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଁଲା ପଞ୍ଚାୟତର ସଦର ଗାଁରୁ ବୁଧବାର ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛି। ଏହା ଆସନ୍ତା ୫ ତାରିଖ ମଧରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହ ଗାଁକୁ ବଫର ଜୋନ୍ ଭାବେ ମଧ ଘୋଷଣା କରାଯାଇଛି। ପ୍ରଶାସନ ଗାଁକୁ ସିଲ୍ କରିଛି।

### ଗୋଟିଏ ଦିନରେ ୧୩୪ ଚିହ୍ନଟ

ମାଲକାନଗିରି,୨୬।୮(ଡି.ଏନ୍.ଏ.) ମାଲକାନଗିରି ଜିଲାରେ ବୁଧବାର ୧୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୩ ଦିନ ଧରି ଜିଲାରେ ଏହି ସଂଖ୍ୟା ତିନି ଅଙ୍କ ଟପୁଛି। ବୁଧବାର ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ଏହି ସଂଖ୍ୟା ୨୦୯୩ରେ ପହଞ୍ଚିଛି। ଚିହ୍ନଟ ୧୩୪ ଜଣ ମଧ୍ୟରୁ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୫୫ ଜଣ, ବାଲିମେଳା ଏନଏସିରୁ ୨୨, କୋରୁକୋଣ୍ଡା ବ୍ଲକରୁ ୧୨, ଖଇରପୁଟ ବ୍ଲକରୁ ୧୨, ମାଲକାନଗିରି ବ୍ଲକରୁ ୧୦, ମାଥିଲିରୁ ୨, ଚିତ୍ରକୋଣ୍ଡା ବ୍ଲକରୁ ୧୩, କାଲିମେଳା ବ୍ଲକରୁ ୭ ଜଣ ଏବଂ ପଡିଆ ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଏଯାବତ୍ ଚିହ୍ନଟଙ୍କ ମଧ୍ୟରୁ ୧୩୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୭୪୩ ଜଣ ଚିକିତ୍ସାଧୀନ ଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

# ବିପଦସଙ୍କୁଳ ହୋଇପଡୁଛି ପଟେରୁ ପୋଲ

ପଡିଆ, ୨୬।୮(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ୩୨୬ ନମ୍ବର ଜାତୀୟ ରାଜପଥର ପଟେରୁ(୨)ଠାରେ ଥିବା ପୋଲ ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ପ୍ରତ୍ୟେକ ବର୍ଷ ବର୍ଷାଦିନେ ବନ୍ୟା ପାଣି ମାଡରେ ପୋଲର ପିଲର ଭାଙ୍ଗିବା ସହ ସ୍ଲାବ କ୍ଷତି ହେଉଛି। ଫଳରେ ସ୍ଲାବରୁ ରଡ ଦେଖାଗଲାଣି। ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପୋଲକୁ ଉଚ୍ଚା କରିବା ଲାଗି ୨୦୧୮ରେ ସରକାର ୧୨.୭୦ କୋଟି ଅନୁଦାନ ଦେଇଥିଲେ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଏକ କମ୍ପାନୀକୁ କାମ ପ୍ରଦାନ କରାଯାଇଥିଲା। ତେବେ ସମ୍ପୃକ୍ତ କମ୍ପାନୀ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ପ୍ରତି ବର୍ଷ ବର୍ଷା ହେଲେ ଏହି ନିର୍ମାଣାଧୀନ


ଦୁର୍ବଳ ହୋଇପଡୁଥିବା ପୋଲ।

ପୋଲ ବୁଡିଯାଇଥାଏ। ଚଳିତ ବର୍ଷ ୭ଦିନ ଧରି ପୋଲ ବଡି ରହିଥିଲା। ଫଳରେ ପଡିଆ,କାଲିମେଳାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ପୋଲ ମରାମତି କାର୍ଯ୍ୟ ସାରିବା ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ସାର କଳାବଜାର ରୋକିବାକୁ ଦାବିକଲା ଜିଲା ବିଜେଡି

ଜୟପୁର,୨୬।୮(ଡି.ଏନ.ଏ .)

- ଚାଷୀ କର୍ମକର୍ତ୍ତା ଜିଲା କୃଷି ଅଧିକାରୀଙ୍କୁ ଭେଟିଲେ
- ବ୍ୟବସାୟୀଙ୍କ ବିରୋଧରେ ହେଉ କାର୍ଯ୍ୟାନୁଷ୍ଠାନ
- ମହଜୁଦ ରଖି ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି କରୁଛନ୍ତି

କୋରାପୁଟ ଜିଲାରେ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ମିଳୁନାହିଁ । ବ୍ୟବସାୟୀମାନେ ଗୋଦାମରେ ସାର ଗଚ୍ଛିତ ରଖି ସରକାରଙ୍କ ଧାର୍ଯ୍ୟ ଦର ୨୬୬ଟଙ୍କା ବଦଳରେ ୫ଶହରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ଦରରେ ଏହାକୁ ବିକ୍ରି କରୁଛନ୍ତି । ସେହିପରି ପଟାସ (ଏମ୍‌ଓପି) ୮୬୫ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ୯୦୦ରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି କରୁଛନ୍ତି । ଏପରି ବ୍ୟବସାୟୀଙ୍କ ଗୋଦାମ, ଦୋକାନ ଉପରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ବିଜେଡି ଦାବି କରିଛି। ଦଳର ଡ . ଇନ୍ଦିରା ନନ୍ଦଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ବୁଧବାର ଜିଲା କୃଷି ଅଧିକାରୀ ବିଜୟ ସୋରେନଙ୍କୁ ଭେଟିଛନ୍ତି। କୋରାପୁଟ ଜିଲାରେ ଖରିଫ ଧାନ ଏବଂ ଅଣଧାନ ଫସଲ ପାଇଁ ୟୁରିଆ ଏବଂ ପଟାସ ସାର ଆବଶ୍ୟକତା ରହିଛି। ମାତ୍ର ଚାଷୀଙ୍କୁ ଆବଶ୍ୟକ ସମୟରେ ସାର ମିଳୁନାହିଁ। ଅନ୍ୟପକ୍ଷରେ ଜିଲାର ସାର ବିକ୍ରେତା ଓ ଡିଲରମାନେ ନିଜ ଗୋଦାମରେ ବହୁ ପରିମାଣର ସାର ଗଚ୍ଛିତ ରଖି ଏକ ପ୍ରକାର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି କରୁଛନ୍ତି। ସାର ସହିତ ଆବଶ୍ୟକ ନ ଥିବା କୀଟନାଶକକୁ ଚାଷୀଙ୍କୁ ବିକ୍ରି କରୁଛନ୍ତି ବୋଲି ବିଜେଡି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଏହି ସମୟରେ ଚାଷୀ ରବୀନ୍ଦ୍ର ଚୌଧୁରୀ, ବୃନ୍ଦାବନ ପୂଜାରୀ, ବାଲାଜୀ ଗୌଡ, ଗଙ୍ଗାଧର ପାଣିଗ୍ରାହୀ, ବୁଦ୍ଧୁ ମହାପାତ୍ର, ବାଲିଙ୍ଗ ରାଓ, ଟୁନା ରଥ, ବିଷ୍ଣୁ ପ୍ରସାଦ ପାତ୍ର, ହରପ୍ରସାଦ ମିଶ୍ର, ରମାକାନ୍ତ ରାଉଳ, ବିନୋଦ ପାତ୍ର , ଅନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଜୁଆଆଡ୍ଡା ଉପରେ ଚଢ଼ାଉ, ୯ ଗିରଫ

ଜୟପୁର,୨୬।୮(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ଗୌଡସାହି ଠାରେ ଏକ ଘରେ ଜୁଆ ଆଡ୍ଡା ଚାଲିଥିବା ଖବରପାଇ ଚଢାଉ କରାଯାଇ ୯ଜଣଙ୍କୁ ଗିରଫ କରାଯାଇଛି। ଜୁଆ ଆଡ୍ଡାରୁ ୫୯ ହଜାର ୬୦୦ ଟଙ୍କା, ୧୦ଟି ମୋବାଇଲ ଜବତ ହୋଇଛି । ଗିରଫ ବ୍ୟକ୍ତିମାନେ ଜୟପୁର ସହରର ବୋଲି ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ ସହ ୪୧ ସିଆରପିସିରେ ସେମାନଙ୍କୁ ନୋଟିସ କରି ଛାଡି ଦେଇଛି।

### ଗୁଳିକାଣ୍ଡ ଦିବସରେ ୭ ସ୍ୱାଧୀନତା ସଂଗ୍ରାମୀ ପରିବାର ସମ୍ମାନିତ

କୋଟପାଡ଼,୨୬।୮ (ଡି.ଏନ.ଏ.)

କୋରାପୁଟ ଜିଲା କୋଟପାଡ଼ ଗୋପବନ୍ଧୁ ପାଠାଗାର ପକ୍ଷରୁ ମଙ୍ଗଳବାର ଗୁଳିକାଣ୍ଡ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ସମ୍ମାନିତ ଅତିଥି ରୂପେ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ଯୋଗଦେଇ ଥଲେ। ପାଠଗର ସଭାପତି ଗଣେଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥଲେ। କୋଟପାଡ଼ ଅଞ୍ଚଳର ୭ ଜଣ ସ୍ୱାଧୀନତା ସଂଗ୍ରାମୀ ପରିବାର ଲୋକଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ପାଠାଗାର ସଦସ୍ୟ ରଞ୍ଜନ ମହୁରିୟ, ଆଇନଜୀବୀ ମଣିପ୍ରସଦ ପଟ୍ଟନାୟକ, ସୁଧୀର ମହାନ୍ତି, ରାଜେନ୍ଦ୍ର ନାୟକ,କିଶୋର ଚନ୍ଦ୍ରମିଶ୍ର, ସୀତାନାଥ ବିଶ୍ୱାଳ, ସୁଶାନ୍ତ ବକ୍ସ, ବି.ଶଙ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସମାଜିକ କର୍ମୀ ସମ୍ମୁମୂର୍ତ୍ତି ଆଚାରି ଧନ୍ୟବାଦ ଦେଇଥିଲେ।

### ପାଣି ପାଇଁ ଚାଷୀଙ୍କ ମଧ୍ୟରେ ମାର୍‌ପିଟ

ଦିଗପହଣ୍ଡି,୨୬।୮(ଡି.ଏନ.ଏ)

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗୋପାଳପୁର ଗାଁରେ ଚାଷଜମିକୁ ପାଣି ନେବାକୁ କେନ୍ଦ୍ରକରି ବୁଧବାର ମଧାହ୍ନରେ ୨ ଚାଷୀ ଗୋଷ୍ଠୀଙ୍କ ମଧ୍ୟରେ ମାର୍‌ପିଟ ହୋଇଛି। ଆକ୍ରମଣ ପ୍ରତିଆକ୍ରମଣରେ ୩ ଚାଷୀ ଆହତ ହୋଇଛନ୍ତି। ସେମାନେ ହେଲେ ଗୋପାଳପୁର ଗାଁର ବାରିକ ଭୂୟାଁ, ମିଳନ ଭୂୟାଁ ଏବଂ ସୁଜିତ ଭୂୟାଁ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ତଦନ୍ତ ଚାଲିଥିବା ଆଇଆଇସି ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ଚାଷଜମିରେ ପାଣି ମଡ଼ାଇବାକୁ କେନ୍ଦ୍ରକରି ବାରିକ ସେଠାରେ ଉପସ୍ଥିତ ଥିବା କେତେଜଣ ଚାଷୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ବାରିକ ଏବଂ ତାଙ୍କ ପୁଅ ମିଳନ ପ୍ରତିଆକ୍ରମଣ କରିବାରୁ ସୁଜିତ ଆହତ ହୋଇଥିଲେ।

## ୨ ସ୍ଥାନରୁ ୪୯୫ କେଜି ଗଞ୍ଜେଇ ଜବତ: ୬ ଗିରଫ

ମାଲକାନଗିରି/କୋରୁକୋଣ୍ଡା, ୨୬।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଓର୍କେଲ ଥାନା ପୋଲିସ ୨ଟି ସ୍ଥାନରେ ଚଢାଉ କରି ୪୯୫ କେଜି ଗଞ୍ଜେଇ ଜବତ କରିଛି। ମୋଟ ୬ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ରାତି ୨ଟାରେ ଏସ୍.ଆଇ. ମିଳନ ମଜୁମଦାରଙ୍କ ସହ ଏକ ଟିମ୍ ହାତିଆମ୍ବ ଗ୍ରାମ ନିକଟ ଛକଠାରେ ଗାଡି ମୋଟର ଯାଞ୍ଚ କରୁଥିଲେ। ବାଲିମେଳା ଆଡୁ ଏକ ଟ୍ରକ ଦ୍ରୁତ ଗତିରେ ଆସୁଥିବା ଦେଖି ଗାଡିକୁ ଅଟକାଇଥିଲେ। ଏହାକୁ ଯାଞ୍ଚ କରିବାରୁ ୧୫ଟି ବସ୍ତାରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ପଞ୍ଜାବର ମସିଦ ପାଲହଟ ଗ୍ରାମର ଗୁରୁପ୍ରୀତ ସିଂ, ଛତିଶଗଡ କାମାରି ଗ୍ରାମର କମଲଜିତ ସିଂ ଓରଫ ରିଙ୍କୁ, ମାଲକାନଗିରି ଜିଲା ପାଣ୍ଡ୍ରିପାଣି ପଞ୍ଚାୟତ ଭାଲୁଗୁଡା କଲୋନୀ-୨ର ସୁରେନ୍ଦ୍ର ଗାଦବା, ପଦ୍ମଗିରି ପଞ୍ଚାୟତ ଏମ୍.ଭି.-୮୩ ଗ୍ରାମର ନିଳକମଲ ବିଶ୍ୱାସ । ଏହି ୪ଜଣଙ୍କଠାରୁ



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତମାନେ।

୫ଟି ମୋବାଇଲ ଜବତ କରା ଯାଇଛି। କେସ୍ ନଂ. ୧୪୨/୨୦ରେ ମାମଲା ରୁଜୁ କରି ବୁଧବାର ସେମାନଙ୍କୁ କୋର୍ଟଚାଲାଣ କରାଯାଛି। ସେହିପରି ମଙ୍ଗଳବାର ରାତି ସାଢେ ୮ଟାରେ ଏସ୍.ଆଇ. କୃଷ୍ଣ କୁମାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସଦାଶିବପୁର ଗ୍ରାମ ଛକଠାରେ ଗାଡି ଗାଡିମୋଟର ଯାଞ୍ଚ ବେଳେ ଏକ ମୋଟର ସାଇକେଲ ଯୋଗେ ୨ଜଣ ବ୍ୟକ୍ତି ଦୁଇଟି ବସ୍ତା ଧରି ଆସୁଥିବା ଦେଖି ପୋଲିସ ସନ୍ଦେହରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ବସ୍ତାରେ ଗଞ୍ଜେଇଥିବା ଜଣାପଡିଥିଲା। ଏହାର ପରିମାଣ ୪୫ କେଜି ବୋଲି ଜଣାପଡିଛି। ଗିରଫ ୨ ବ୍ୟକ୍ତି ହେଲେ ସାହେବଗୁଡା ଗ୍ରାମର ରାମଚନ୍ଦ୍ର ଖିଲ ଓ ସୋନା ଖିଲ।

## କୋରାପୁଟ ଜିଲାରୁ ୯୧ ପଜିଟିଭ

କୋରାପୁଟ,୨୬।୮(ସ୍ୱ.ପ୍ର.)

କୋରାପୁଟ ଜିଲାରେ ବୁଧବାର ପୁଣି ୯୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୯୭୦ ହୋଇଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ଏସ୍‌ଓପି ପାଳନ କରୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆକ୍ଟରେ ଦୃଢ଼ ପଦକ୍ଷେପ ନେବାକୁ ଜିଲାପାଳ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଇବା ପରେ ଟାଉନ ଥାନା ପୋଲିସ ପକ୍ଷରୁ ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ ହୋଇଛି। କୋରାପୁଟ-ସୁନାବେଡ଼ା ରାସ୍ତାର ରେଲୱେ ଓଭରବ୍ରିଜ୍ ନିକଟରେ ମାସ୍କ ପିନ୍ଧି ନ ଥିବା ଓ ମାସ୍କ ଠିକ୍ ଭାବେ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା । ବୁଧବାର ଚିହ୍ନଟ ୯୧ଙ୍କ ମଧ୍ୟରେ ଟିଏମ୍‌ସିରୁ ୮ ଜଣ, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୫୭ ଓ ସ୍ଥାନୀୟ ଆକ୍ରାନ୍ତ ୨୬ ଜଣ ରହିଛନ୍ତି। ଜିଲାର ୪ଟି ପୌରାଞ୍ଚଳରୁ ଚିହ୍ନଟ ୭୩ଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୩୧ ଜଣ, କୋରାପୁଟ ପୌରାଞ୍ଚଳରୁ ୨୯ , ସୁନାବେଡ଼ା ପୌରାଞ୍ଚଳରୁ ୧୨ ଓ କୋଟପାଡ୍ ଏନ୍ଏସିରୁ ଜଣେ ରହିଛନ୍ତି। ଗ୍ରାମାଞ୍ଚଳରୁ ଚିହ୍ନଟ ୨୧ ଜଣଙ୍କ ମଧ୍ୟରେ ବୈପାରିଗୁଡ଼ା ବ୍ଲକରୁ ୩, ବୋରିଗୁମ୍ମା ୩ , ଜୟପୁର ଜଣେ, କୋରାପୁଟ ୫, କୋଟପାଡ୍ ୩ , କୁନ୍ଦୁରାରୁ ଜଣେ, ନାରାୟଣପାଟଣା ୨, ପଟ୍ଟାଙ୍ଗୀ ୨ ଓ ସେମିଳିଗୁଡା ବ୍ଲକରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି।

## ୨୧ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଚନ୍ଦ୍ରପୁର, ୨୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ୨୧ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସରକାରୀ ନିର୍ଦ୍ଦେଶର ଅବମାନନା ଓ କାର୍ଯ୍ୟରେ ଅବହେଳା ଅଭିଯୋଗରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଅଗଷ୍ଟ ମାସର ଦରମା ବନ୍ଦ କରା ନ ଯାଇ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ନିଆ ନ ଯିବ ଏହାର ଜବାବ ୩ଦିନ ମଧ୍ୟରେ ଦେବାକୁ ଉକ୍ତ ନୋଟିସରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଏହି ୨୧ ଜଣ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗ ହୋଇଥିଲା। ସେମାନେ ସ୍ୱାଧୀନତା ଦିବସ, ଗଣେଶପୂଜା ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ସହ ମଧ୍ୟାହ୍ନଭୋଜନ ଅର୍ଥ ନ ବାଣ୍ଟିବା, ଲୋକମାନଙ୍କୁ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନରେ ବିଳମ୍ବ ଦେଉ ନ ଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଏହି ଚିଠିର ନକଲ ବିଲ୍ ସେକ୍‌ସନ, ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକ, ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ଜିଲାପାଳଙ୍କୁ ଦିଆଯାଇଛି।

## ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ୩ ଦିନ ବନ୍ଦ

ଗୁଣପୁର,୨୬।୮(ଡି.ଏନ୍.ଏ)

**ଚନ୍ଦ୍ରପୁର ବ୍ଲକର ଦୁଇ ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍**

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ କରୋନା ପଜିଟିଭ ହେବାପରେ ତାହାକୁ ୩ ଦିନ ପାଇଁ ବନ୍ଦ କରାଯାଇଛି। ସେହିପରି ଚନ୍ଦ୍ରପୁର ବ୍ଲକ ଟିନାପଦର ଏବଂ ନେହୁରୁପାଙ୍ଗା ଅଞ୍ଚଳରେ କରୋନା ଆକ୍ରନ୍ତ ଚିହ୍ନଟ ହେବାପରେ ଉକ୍ତ ଦୁଇଟି ଗାଁକୁ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ଅଞ୍ଚଳରେ ସମସ୍ତ ଦୋକାନ ବଜାର, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ବନ୍ଦ ରହିବ। ପ୍ରକାଶ ଯେ, ଗୁଣପୁର ସହରରେ ୧୦, ଗ୍ରାମୀଣ ଅଞ୍ଚଳରେ ୩, ଚନ୍ଦ୍ରପୁରବ୍ଲକ ଅଞ୍ଚଳରେ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବୁଧବାର ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି।

## ଡକାୟତି ଉଦ୍ୟମ ପଣ୍ଡ, ୫ ଦୁର୍ବୃତ୍ତ ଗିରଫ


ଜବତ ମାରଣାସ୍ତ୍ର ଏବଂ ଗିରଫ ଅଭିଯୁକ୍ତମାନେ।

ଜୟପୁର,୨୬।୮(ଡି.ଏନ.ଏ./ନି.ପ୍ର. )

ଡକାୟତି କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ୫ଜଣଙ୍କୁ ଜୟପୁର ଟାଉନଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସହରର ଖ୍ରୀଷ୍ଟିଆନ ସାହିର ଇଶୁରାଜ ହିଆଲ(୨୫),ସାଇ ଜାନି ଓରଫ ଭୋକା (୩୮), ବାପୁଜୀ ନଗରର ଶଙ୍କର ଟାକ୍ରି(୨୦),ଜଗଦିଶ ନାଗ (୩୫) ଏବଂ ସଦରଥାନା ଅନ୍ତର୍ଗତ ବାମୁଣିଗାଁର ସମୀର ହରିଜନ (୧୮) । ସେମାନଙ୍କ ନିକଟରୁ ୩ଟି ଟର୍ଚ୍ଚ, ଗୋଟିଏ ଖଣ୍ଡା, ୩ଟି ଲୁହା ଛଡ ଏବଂ ୨ଟି ମରିଚ ଗୁଣ୍ଡ ପ୍ୟାକେଟ ଜବତ ହୋଇଛି । ସହରର ଉପକଣ୍ଠ ହାତୀଶାଳ ନିକଟସ୍ଥ ସତିଗୁଡା ଡ୍ୟାମଠାରେ କେତେକ ଦୁର୍ବୃତ୍ତ ଏକାଠି ହୋଇଥିବା ଖବର ପାଇ ଏସଆଇ ବିଷ୍ଣୁ ଚରଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରଥିଲେ। ସେମାନଙ୍କୁ ପଚରାଉଚରା ବେଳେ ସ୍ଥାନୀୟ ପ୍ରସାଦରାଓ ପେଟା ଅଞ୍ଚଳର କୌଣସି ଏକ ଘରୁ ଲୁଟ କରିବା ଉଦ୍ଦେଶ୍ୟରେ ସେମାନେ ପ୍ରସ୍ତୁତି ଚଳାଇଥିଲେ ବୋଲି ପ୍ରକାଶ କରିଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି ।

## କାଦୁଅ ରାସ୍ତାରେ ଫସିଗଲା ଭାରିଯାନ



କାଦୁଅ ରାସ୍ତାରେ ଫସିଯାଇଥିବା ଗାଡି।

ଗୁଣପୁର,୨୬।୮(ଡି.ଏନ୍.ଏ.)

ରାୟଗଡା ଜିଲା ରାମନାଗୁଡା ବ୍ଲକ ବାଙ୍ଗି ରାସ୍ତା ଅବସ୍ଥା ଶୋଚନୀୟ। ବୁଧବାର ଏଠାକାର କାଦୁଅ ରାସ୍ତାରେ ଭାରିଯାନ ଫସି ଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡି ଅଟକି ରହିଥିଲା। ପ୍ରଶାସନ ସେଠାରେ ପହଞ୍ଚି ରାସ୍ତା ମରାମତି କାମ କରାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଏହି ରାସ୍ତାଟି ରାୟଗଡାରୁ ବ୍ରହ୍ମପୁର ସଂଯୋଗ କରଛି। ଏହାର ବାଙ୍ଗି ଛକରୁ ବାଙ୍ଗି ଗାଁ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବାଙ୍ଗି ଛକରୁ ବାଙ୍ଗି ଗାଁ ପର୍ଯ୍ୟନ୍ତ ରାସ୍ତା ପାଇଁ ଲୋକମାନେ ଜମି ଦେଇଥିଲେ। ହେଲେ ସେମାନଙ୍କୁ ଜମି ବାବଦକୁ କ୍ଷତି ପୂରଣ ବର୍ତ୍ତମାନ ସୁଦ୍ଧା ମିଳି ପାରିନାହିଁ। ଫଳରେ ଲୋକମାନେ ଏହି ରାସ୍ତା ନିର୍ମାଣକୁ ବିରୋଧ କରୁଛନ୍ତି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା କାମକରାଇ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଏଠାକାର ରାସ୍ତା କାମ ଆଗକୁ ବଢିପାରୁନି। ଦୁଇ ଦିନ ଲଗାଣ ବର୍ଷାରେ ରାସ୍ତା କଦ୍ଦମାକ୍ତ ହୋଇପଡିଛି। କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ପ୍ରକ୍ରିୟାରେ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମାଟିଲଗ୍ନା ସାହିତ୍ୟ ସଂସଦର ଜିଲାସ୍ତରୀୟ କମିଟି ଗଠିତ

ଜୟପୁର,୨୬।୮(ନି.ପ୍ର.)

ଅଗ୍ରଣୀ ସାହିତ୍ୟ ସଂସଦ ମାଟିଲଗ୍ନାର କୋରାପୁଟ ଜିଲା କମିଟି ଗଠିତ ହୋଇଥିବା ସଂସଦର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି। ଗତ ଜୁଲାଇ ୨୮ରେ ଆରମ୍ଭ ହୋଇଥିବା ଏହି ସଂସଦ ୩୦ଟି ଜିଲାରେ ସଙ୍ଗଠନ କରିଛି। କୋରାପୁଟ ଦାୟିତ୍ୱରେ କବୟିତ୍ରୀ ମାମନୀ ଦାଶ ରହିଛନ୍ତି। ଜିଲା ସଭାପତି ଭାବେ ଯଜ୍ଞେଶ୍ୱର ପଣ୍ଡା, ଉପସଭାପତି ଶୌଭାଗିନୀ ନନ୍ଦ, ସମ୍ପାଦକ ସୂର୍ଯ୍ୟନାରାୟଣ ସାବତ, ସହସମ୍ପାଦିକା ରୀତାଞ୍ଜଳି ଡାକୁଆ, ଜୟପୁର ବ୍ଲକ ସଭାପତି ରୂପେ ତପସ୍ୱିନୀ ସାହୁ, ସମ୍ପାଦକ ଅଶୋକ କୁମାର ପାଢ଼ୀ, କୁନ୍ଦୁରା ବ୍ଲକ ସଭାପତି ସବିତା ଶତପଥୀ, ସମ୍ପାଦକ ସୁଧୀର ମହାପାତ୍ର, ବୋରିଗୁମ୍ମା ବ୍ଲକ ସଭାପତି ସାବିତ୍ରୀ ରଣା, ସମ୍ପାଦକ ସୁଧାଂଶୁ ଶେଖର ପଟ୍ଟନାୟକ, କୋଟପାଡ଼ ବ୍ଲକ ସଭାପତି ଶିବାନନ୍ଦ ପ୍ରସାଦ , ସମ୍ପାଦିକା ପୁଷ୍ପଲତା ମୁଦୁଲି, କୋରାପୁଟ ବ୍ଲକ ସଭାପତି ଟି. ଜଗଦିଶ୍ୱର, ସମ୍ପାଦକ ସମରେନ୍ଦ୍ର ସ୍ୱାଇଁ, ସେମିଳିଗୁଡ଼ା ବ୍ଲକ ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ସମ୍ପାଦିକା ସତ୍ୟଭାମା ମହାପାତ୍ର ଏବଂ ବୈପାରିଗୁଡ଼ା ବ୍ଲକ ସଭାପତି ରୂପେ ନିହାର ରାଉତରାୟ, ସମ୍ପାଦିକା ଭାବେ କଲ୍ୟାଣୀ ବେଘାର ରହିଛନ୍ତି।

## କୋଭିଡ୍ ନିୟନ୍ତ୍ରଣ ପାଇଁ ଅଧିକ ଟେଷ୍ଟ ଉପରେ ଗୁରୁତ୍ୱ

ମୁନିଗୁଡା, ୨୬।୮((ଡି.ଏନ୍.ଏ.)

**ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

ରାୟଗଡା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବୁଧବାର ଜିଲାରେ ୧୪୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୁନିଗୁଡାରୁ ସର୍ବାଧିକ ୭୩ ଜଣ କରୋନା ପଜିଟିଭ ରହିଛନ୍ତି। ଏହାପରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁନିଗୁଡା ପହଞ୍ଚି ବ୍ଲକ ସମ୍ମିଳନୀ କକ୍ଷରେ ବୈଠକ କରିଥିଲେ। କୋଭିଡ୍‌ସ୍ଥିତି କିପରି ନିୟନ୍ତ୍ରଣ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। କରୋନା ନିୟନ୍ତ୍ରଣ


ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ଅଧିକାରୀମାନେ।

ପାଇଁ ସ୍କ୍ରିନିଙ୍ଗ, ରାପିଡ ଟେଷ୍ଟ, ଆଣ୍ଟିଜେନ ଟେଷ୍ଟ ଓ ସ୍ୱାବ ପରୀକ୍ଷା ଅଧିକରୁ ଅଧିକ କରାଯିବାକୁ ଆଲୋଚନା ହୋଇଥିଲା। ଏଥିସହ କୋଭିଡ ନିୟମକୁ ଲୋକେ କିପରି କଡାକଡି ପାଳନ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ ଦିଆଯାଇଥିଲା। ପଜିଟିଭ ବାହାରିବା ପରେ ସେହି ସ୍ଥାନକୁ ସାନିଟାଇଜ କରିବା ସହ ବାଉଁଶ ବାନ୍ଧି କଣ୍ଟେନମେଣ୍ଟ ଜୋନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗ୍ରାମାଞ୍ଚଳ ଲୋକଙ୍କୁ ଅଧିକ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ବିଡିଓ ଦିଲୀପ କୁମାର ବେହେରା, ତହସିଲଦାର ଦେବାଶିଷ ଗୌଡ଼, ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ, ବ୍ଲକ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ମୁନିଗୁଡା ବ୍ଲକ ବିଜେଡି ସଭାପତି ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ଼, ଜଗନ୍ନାଥ ନୁଣ୍ଡ୍ରକା, ବୃନ୍ଦାବନ ପାଢି, ଧିରୁ ପାଣିଗ୍ରାହୀ, ଜଗା ଆଚରି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଜପତିରେ ୨୭୫୪ ସଂକ୍ରମିତ ହେଲେଣି

ପାରଳାଖେମୁଣ୍ଡି,୨୬।୮(ସ୍ୱ.ପ୍ର.) - ଗଜପତି ଜିଲାରେ ପୁଣି ୪୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବୁଧବାର ସୂଚନା ମିଳିଛି। ଫଳରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭୫୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୧୦, ଗୋଷାଣୀ ବ୍ଲକରୁ ୫, ଗୁମ୍ମାରୁ ୪, କାଶୀନଗରରୁ ୪, ରାୟଗଡରୁ ୧୭ ଓ ନୂଆଗଡ ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ କରୋନା ଯୋଦ୍ଧା, ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚବେଳେ ୧୪ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୨୫ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି। ଜିଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

### କାନ୍ଥ ପଡ଼ି ଯୁବତୀ ଗୁରୁତର

ଶଙ୍କରାଖୋଲ,୨୬।୮(ଡି.ଏନ୍.ଏ.)- କନ୍ଧମାଳ ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଚକାପାଦ ବ୍ଲକ ଚକାପାଦ ବଡ଼ସାହିରେ ଶୁକ୍ରବାର ସନ୍ଧ୍ୟାରେ ମାଟି କାନ୍ଥ ଭୁଶୁଡି ପଡିବାରୁ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସେ ହେଲେ ସୁଷମା ମାଝୀ। ତାଙ୍କୁ ପ୍ରଥମେ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଛି। ସୁଷମା ଘରେ ବସିଥିବାବେଳେ ହଠାତ୍ କାନ୍ଥ ଭୁଶୁଡି ତାଙ୍କ ଉପରେ ପଡିଥିଲା।

### ପଞ୍ଚସୂତ୍ରୀ ନିୟମ ପାଳନ ପାଇଁ ବୈଠକ

ହିଞ୍ଜିଳିକାଟୁ,୨୬।୮(ଡି.ଏନ୍.ଏ.)- ଗଞ୍ଜାମ ଜିଲା ପ୍ରଶାସନ ସୋମବାର ଠାରୁ ସକାଳ ୫ରୁ ରାତି ୮ପର୍ଯ୍ୟନ୍ତ ବ୍ୟବସାୟ ପାଇଁ ଅନୁମତି ଦେଇଛି। ମାତ୍ର ଦୋକାନୀମାନେ ବ୍ୟବସାୟ ବେଳେ ପଞ୍ଚସୂତ୍ରୀ ନିୟମ ପାଳନ କରି ବ୍ୟବସାୟ କରିବାକୁ କୁହାଯାଇଛି। ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ବ୍ୟବସାୟୀ ସଂଘ ଓ ହୋଲ୍‌ସେଲ ପରିବା ବଜାର ସଂଘର କାର୍ଯ୍ୟକର୍ତ୍ତା ଓ ବ୍ୟବସାୟୀଙ୍କୁ ନେଇ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏକ ବୈଠକ କରାଯାଇଛି। ପୌର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଜାରି ମାସ୍କ ପରିଧାନ ବାଧ୍ୟତାମୂଳକ, ସାମାଜିକ ଦୂରତା ରକ୍ଷା, ବାଡ଼ ବାନ୍ଧିବା ଇତ୍ୟାଦି ପଞ୍ଚସୂତ୍ର ନିୟମ ପାଳନ କଡ଼ାକଡ଼ି କରିବାକୁ କୁହାଯାଇଛି। ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ପୌର ଅଧିକାରୀ ଜଗଦୀଶ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ଦେବରାଜ ପାତ୍ର, ବ୍ୟବସାୟୀ ସଂଘ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକ, ପରିବା ବଜାର ସଭାପତି ଅନୀଲ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଅବ୍ୟକ୍ତ ସ୍ମୃତି ଦିବସ

ଆସିକା,୨୬।୮(ଡି.ଏନ୍.ଏ.)- ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ପରିସରରେ ମଙ୍ଗଳବାର ଦ୍ୱିତୀୟ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶ ମଣିଙ୍କ ତ୍ରୟୋଦଶ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏଥିରେ ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା ଓ ବ୍ଲକ ଯୋଗାଣ ଅଧିକାରୀ ଜୟରାମ ଲେଙ୍କା ଅତିଥି ଭାବେ ଯୋଗ ହେଇଥିଲେ। କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ପ୍ରଭାତୀ ଦାଦିଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପବିତ୍ରତା, ପ୍ରେମ, ଦୟା, ମମତା, କ୍ଷମା, ସତ୍ୟତା, ଶକ୍ତି ଓ ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ ଦାଦିଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଲାଗି ସେ ନିବେଦନ କରିଥିଲେ।

# ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ଦାବି

## ଋଷିକୁଲ୍ୟା ରୟତ ମହାସଭାର ସ୍ମାରକପତ୍ର ପ୍ରଦାନ

ଛତ୍ରପୁର,୨୬।୮(ଡି.ଏନ.ଏ.)

ଗଞ୍ଜାମ ଜିଲାରେ କରୋନା ଲାଗି ଚଳିତବର୍ଷ ଧାନ ବିକିବା ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ଧିମା ରହିଛି। ଅନ୍ୟପକ୍ଷରେ ଅନଲାଇନ୍ ପଞ୍ଜୀକରଣ ଅବଧି ଆସନ୍ତା ୩୧ ତାରିଖରେ ଶେଷ ହେବାକୁ ଯାଉଛି। ଆଉ ମାତ୍ର ୫ ଦିନ ମଧ୍ୟରେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ସମ୍ଭବ ନୁହେଁ। ତେଣୁ ଏହି ଅବଧି ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। ଏ ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ପଠାଯାଇଥିବା ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ବୁଧବାର ସୂଚନା ଦେଇଛନ୍ତି।

ସରକାରୀ ଧାର୍ଯ୍ୟ ଦରରେ ସୋସାଇଟିରେ ଧାନ ବିକିବା ପାଇଁ ଚାଷୀଙ୍କ ନାମ ଅନଲାଇନ୍ ପଞ୍ଜୀକରଣ କରାଯାଇଥାଏ। ପଞ୍ଜୀକରଣ ନ କରାଇଲେ ଚଳିତବର୍ଷ ଚାଷୀ ଧାନ ବିକିପାରିବେ ନାହିଁ। ଋଣ ନେଇ ଚାଷ କରିଥିବା ଚାଷୀ ସରକାରୀ ଧାର୍ଯ୍ୟ ଦରରେ ଧାନ ନ ବିକିଲେ କ୍ଷତି ସହିବେ। କରେନା ଲାଗି ପନିପରିବା ଓ ରବି ଫସଲ କମ୍ ଦରରେ ବିକି ଚାଷୀ ବହୁତ କ୍ଷତି ସହିଲେଣି। ଏଭଳି ସ୍ଥିତିରେ ଧାନ ବିକ୍ରି ଲାଗି ଅନ୍‌ଲାଇନ୍ ପଞ୍ଜୀକରଣ ଅବଧି ବୃଦ୍ଧି କରିବାକୁ ସରକାରଙ୍କୁ ଚିଠି ଲେଖିବାକୁ ଜିଲାପାଳଙ୍କୁ ମହାସଭା ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟଥା ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବାକୁ ବାଧ ହେବୁ ବୋଲି ମହାସଭା ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ଏ ପର୍ଯ୍ୟନ୍ତ ୬୬,୭୬୯ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଯାହାକି ୪୮.୮୭ % ପ୍ରତିଶତ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନା କଟକଣା ଯୋଗୁ ପଞ୍ଜୀକରଣ କମ୍ ହୋଇଥିବା କୁହାଯାଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କ ନାମ ପଞ୍ଜୀକରଣ କରିବାକୁ ମଙ୍ଗଳବାର ଏକ ସମୀକ୍ଷା ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବଧି ମଧ୍ୟରେ ଆହୁରି ୫୧ ପ୍ରତିଶତ ଚାଷୀଙ୍କ ପଞ୍ଜୀକରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗତବର୍ଷ ଜିଲାରେ ୧ ଲକ୍ଷ ୩୪ ହଜାର ୪୬୨ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ଜିଲାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ, ଭାଗଚାଷୀ ଧାନ ଚାଷ କରୁଥିବା ଋଷିକୁଲ୍ୟା ରୟତ ମହାସଭା କହିଛି।

# ସରକାରୀ ଚାକିରି ଦେବା ନାଁରେ ଠକେଇ


ଠକେଇର ଶିକାର ହୋଇଥିବା ୨ ବ୍ୟକ୍ତି ଅଭିଯୋଗ କରିବାକୁ ଆସିଛନ୍ତି।

ଜୟପୁର,୨୬।୮(ନି.ପ୍ର.)

ସରକାରୀ ଅଫିସରେ ଚାକିରି କରାଇଦେବାକୁ କହି କୋରାପୁଟ ଜିଲାରେ ବେକାର ଯୁବତୀଯୁବକଙ୍କୁ କେତେଜଣ ଠକୁଥିବା ଅଭିଯୋଗ ହେଉଛି। ଏଥିରେ ଏକ ଗ୍ୟାଙ୍ଗ୍ ରହିଥିବା ଜଣାପଡିଛି। ବିଭିନ୍ନ ସରକାରୀ ଅଫିସରେ ଚାକିରି କରାଇଦେବାକୁ ସେମାନେ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଏଥିପାଇଁ ସେମାନେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଡିନ୍‌ଙ୍କଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଅଫିସରଙ୍କ ନକଲି ଲେଟର ପ୍ୟାଡ୍ ଓ ଫେକ୍ ମେଲ୍ ଆଇଡି ପ୍ରସ୍ତୁତ କରିଛନ୍ତି। ଏମାନଙ୍କ ଜାଲରେ ଯିଏ ପଡୁଛନ୍ତି ସେ ଠକାମିର ଶିକାର ହେଉଛନ୍ତି। ଜୟପୁରର ଜଣେ ବ୍ୟକ୍ତି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ତେବେ ଟଙ୍କା ଫେରିପାଇବା ପାଇଁ ଜି.ସାଗର ନାମକ ଯୁବକ ଓ ଅଭିଭାବକ ଏନ୍.ରମେଶ ଏବେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଜିଲାରେ ୬୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଠକେଇର ଶିକାର ହୋଇଥିବା ଜଣାପଡିଛି। ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି ମେଡିକାଲ କଲେଜ ଡିନ୍ ଡା. କୃଷ୍ଣଚନ୍ଦ୍ର ବିଶ୍ୱାଳ। ଠକେଇ ବିଷୟରେ ସେ ଅବଗତ ଅଛନ୍ତି। ମେଡିକାଲ କଲେଜରେ ନିଯୁକ୍ତି ପାଇଁ କାହାକୁ ଦାୟିତ୍ୱ ପ୍ରଦାନ କରାଯାଇ ନ ଥିବା ସେ କହିଛନ୍ତି।

# ସାର ମିଳିଲାନି, ନିରାଶରେ ଫେରିଲେ ଚାଷୀ


ବିନା ମାସ୍କରେ ଚାଷୀ ଭିଡ ଜମାଇଛନ୍ତି।

## ୪୫୦ ବସ୍ତାକୁ ହଜାରେ ଚାଷୀ

ଜଗନ୍ନାଥପ୍ରସାଦ,୨୬।୮(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ବ୍ଲକ କୁମ୍ଭାପଡ଼ା ସୋସାଇଟି ପକ୍ଷରୁ ବୁଧବାର ସକାଳ ୮ଟାରେ ସାର ବଣ୍ଟନ ପାଇଁ ଚାଷୀଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲା। ସକାଳ ୫ଟାରୁ ଝିପିଝିପି ବର୍ଷାରେ ଚାଷୀ ତଲାରୀ ପିନ୍ଧି, ଛତା ଧରି ଅପେକ୍ଷା କରିଥିଲେ। କାହାରି ମୁହଁରେ ମାସ୍କ ନ ଥିବାବେଳେ ସାମାଜିକ ଦୂରତା କଥା ଭୁଲି ଯାଇଥିଲେ। ଜମିରେ ସାର ପକାଇବା ସମୟ ଗଡ଼ିଯାଉଥିବାରୁ ଚାଷୀଙ୍କର ଏପରି ବ୍ୟାକୁଳତା ଦେଖିବାକୁ ମିଳିଥିଲା। ମାତ୍ର ୧୦ଟା ଯାଏ ସମିତି ସେକ୍ରେଟାରୀ କିମ୍ବା କୌଣସି କର୍ମଚାରୀଙ୍କ ଦେଖା ମିଳିନଥିଲା। ଫଳରେ ଚାଷୀ ହୋହଲ୍ଲା କରିଥିଲେ। ଏହାପରେ ସେକ୍ରେଟାରୀ ପହଞ୍ଚି ପରିସ୍ଥିତି ଦେଖି ଆଉ କାର୍ଯ୍ୟାଳୟକୁ ଯାଇ ନ ଥିଲେ। ସ୍ଥାନୀୟ ସରପଞ୍ଚ, କୃଷି ଅଧିକାରୀ ଓ ସମବାୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏନେଇ ସେକ୍ରେଟାରୀ ଶ୍ରୀଧର ଦୋରାଙ୍କୁ ପଚରାଯିବାରୁ ପଞ୍ଚଭୂତି ଓ କୁମ୍ଭାପଡ଼ା ପାଇଁ ବର୍ତ୍ତମାନ ୪୫୦ ବସ୍ତା ସାର ଆସିଥିବାବେଳେ ହଜାରେରୁ ଉର୍ଦ୍ଧ୍ୱ ଲୋକକ ଭିଡ ଜମାଇଛନ୍ତି। ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଏନେଇ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ହେବ ତାକୁ ନେଇ ବଣ୍ଟନ ଆରମ୍ଭ କରାଯିବ। ବର୍ତ୍ତମାନ ସାର ବାଣ୍ଟିବା ଅସମ୍ଭବ। ଏହାପରେ ଚାଷୀ ଘରକୁ ଖାଲି ହାତରେ ଫେରିଥିଲେ।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨୬।୮(ସ୍ୱ.ପ୍ର.)

ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଅନଲାଇନ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ଶିବିର ହୋଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ନାୟକ,ଅଧ୍ୟାପକ ଡ଼କ୍ଟର ରଞ୍ଜନ କୁମାର ସ୍ୱାଇଁ ଅତିଥି ରୂପେ ସାମିଲ ହୋଇ ୨୫ରୁ ଉର୍ଦ୍ଧ୍ୱ ଜନସାଧାରଣ, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କେନ୍ଦ୍ର ସରକାରଙ୍କ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଯୋଜନା, ଇନ୍ଦିରା ଗାନ୍ଧୀ ମାତୃତ୍ୱ ସହଯୋଗ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ଓଡିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ଆହାର ଯୋଜନା ସହ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଉଭୟେ ବୁଝାଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ନବନିର୍ମିତ କୋଠା ଉଦ୍‌ଘାଟିତ


ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଏମପି ରମେଶ ଚନ୍ଦ୍ର ମାଝି ଉଦ୍‌ଘାଟନ କରୁଛନ୍ତି।

କୁନ୍ଦୁରା,୨୬।୯(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଏମପି ରମେଶ ଚନ୍ଦ୍ର ମାଝି ଏହାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରାଜା, ବିଡିଓ ସ୍ନେହପ୍ରଭା ମାଝି, ଡାକ୍ତର ବିଶ୍ୱ ପ୍ରକାଶ ଦାସ, ବୃନ୍ଦାବନ ପାତ୍ର, ଲକ୍ଷ୍ମୀ ପଟ୍ଟନାୟକ, ରାଧା ବିନୋଦ ସାନ୍ତ୍ରା, ପ୍ରମୋଦ ପଟ୍ଟନାୟକପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ନିଃସହାୟ ସଙ୍ଗଠନ ପକ୍ଷରୁ କୁନ୍ଦୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ନେଇ ମନ୍ତ୍ରୀ ଓ ଏମପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ସିପିଏମ୍‌ର ପ୍ରତିବାଦ ସଭା

ଆସିକା,୨୬।୮(ଡି.ଏନ୍.ଏ.)



ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧୀ ପଦକ୍ଷେପକୁ ବିରୋଧ କରି ବୁଧବାର ସିପିଏମ୍ ଆସିକା ଶାଖା ତରଫରୁ ପ୍ରତିବାଦ ସଭା କରାଯାଇଛି। ଆସିକା ବସଷ୍ଟାଣ୍ଡରେ ଆୟୋଜିତ ଏହି ସଭାରେ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନ, ରେଳବାଇ, ବିଦ୍ୟୁତ ସଂସ୍ଥାର ଘରୋଇକରଣ ଆଦିକୁ ସମାଲୋଚନା କରାଯାଇଥିଲା। ଏଥିସହ ଏମଜିଏନଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ ଦୈନିକ ୬ଶହ ଟଙ୍କା ମଜୁରୀରେ ବର୍ଷକୁ ୨ଶହ ଦିନର କାମ ଯୋଗାଇବା, ଆୟକର ତାଲିକାଭୁକ୍ତ ନ ଥିବା ପରିବାରକୁ ମାସିକ ୭ ହଜାର ୫ଶହ ଟଙ୍କା ଲେଖାଏ ୬ ମାସ ପର୍ଯ୍ୟନ୍ତ ଦେବା ଏବଂ ପରିବାର ସଦସ୍ୟ ପିଛା ମାସିକ ୧୦ କେଜି ଚାଉଳ ବା ଗହମ ୬ ମାସ ପର୍ଯ୍ୟନ୍ତ ମାଗଣାରେ ଦେବାକୁ ଦାବି ଉପସ୍ଥାପନା କରାଯାଇଥିଲା। ଶାଖା ସମ୍ପାଦକ ଲକ୍ଷ୍ମଣ ପାଢୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଉପେନ୍ଦ୍ର ନାହାକ, ଅମୂଲ୍ୟ ବେବର୍ତ୍ତା, କାଳୁଚରଣ ସାହୁ, ଜୟନ୍ତୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ପୁଣି ବର୍ଷା, ଚିନ୍ତାରେ ଚାଷୀ

ମାଲକାନଗିରି,୨୬।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତ ୧୨ ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଏଥିଯୋଗୁ ଚାଷ ଜମିରେ ପାଣି ମାଡି ଶତାଧିକ ହେକ୍ଟର ଧାନ ଚାଷ ନଷ୍ଟ ହୋଇଛି। ତେବେ ଗତ ଦୁଇଦିନ ହେଲା ବର୍ଷାର ପ୍ରକୋପ କମବାରୁ ସବୁ ନଦୀର ଜଳସ୍ତର କମଥିଲା। ଚାଷ ଜମିରୁ ଜଳ ନିସ୍କାସନ ହୋଇ ଯାଇଥିଲା। ତେବେ ପୁଣି ବୁଧବାର ପ୍ରବଳ ବର୍ଷା ହୋଇଛି। ବର୍ଷାକୁ ନେି ଚାଷୀ ଚିନ୍ତାରେ ପଡିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ନଦୀକୁଳିଆ ଅଞ୍ଚଳ ଏବଂ ବିଭିନ୍ନ ପୋଲର ଜଳସ୍ତର ବୃଦ୍ଧି ଉପରେ ନଜର ରଖାଯାଇଛି। ଯେପରି ସାଧାରଣ ଲୋକେ ଓ ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବ୍ୟବସ୍ଥା କରା ଯାଇଥିବା ଜିଲାପାଳ କହିଛନ୍ତି।

# ବିଲ୍ଟ ପେପର ମିଲ୍ ଚଳାଇବା ନେଇ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ

ଜୟପୁର,୨୬।୮(ନି.ପ୍ର.)

ଜୟପୁରସ୍ଥିତ ବିଲ୍ଟ ସେବା କାଗଜକଳ ଏପ୍ରିଲ୨୦୧୯ରୁ ବନ୍ଦ ରହିଛି। ଏହାକୁ କାର୍ଯ୍ୟକ୍ଷମ କରିବା ଦାବିରେ ଗତ ୧୨ତାରିଖରୁ ୪ଟି ୟୁନିୟନର ପ୍ରତିନିଧିମାନେ ସହରର ମୁଖ୍ୟ ଟ୍ରାଫିକ ଛକଠାରେ ସାମାଜିକ ଦୂରତା ରକ୍ଷାକରି ପ୍ରତିଦିନ ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଇତିମଧ୍ୟରେ କାଗଜ କଳକୁ ତେଲଙ୍ଗାନାର ମଦର ଆର୍ଥ ରିସୋର୍ସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗତ ୨୦ରେ ୪ଟି ୟୁନିୟନର ପ୍ରତିନିଧି ଓ ମ୍ୟାନେଜମେଣ୍ଟ ପ୍ରତିନିଧିଙ୍କ ଏକ ମିଳିତ ବୈଠକ ଶ୍ରମ ବିଭାଗ କାର୍ଯ୍ୟାଳୟରେ ରାଜ୍ୟ ଯୁଗ୍ମ ଶ୍ରମ କମିଶନରଙ୍କ ଉପସ୍ଥିତିରେ ହୋଇଥିଲା। ଜିଲା ଶ୍ରମ ଅଧିକାରୀ କର୍ମଚାରୀ ଓ ଶ୍ରମିକଙ୍କୁ ତୁରନ୍ତ ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କାଗଜକଳର ପ୍ରାୟ ହଜାରେ କୋଟି ଟଙ୍କା ଜଳ ଓ ବିଦ୍ୟୁତ୍ ବିଲ୍ ବାକି ରହିଛି। ଏହାକୁ ପ୍ରତ୍ୟାହାର କଲେ ଦାୟିତ୍ୱ ନେଇଥିବା କମ୍ପାନୀ ଅର୍ଥ ବିନିଯୋଗ କରିବ ବୋଲି ପ୍ରକାଶ କରିଛି। ସୂଚନାଯୋଗ୍ୟ, ଏହି କାରଖାନାରେ ୧୫୦୦ କର୍ମଚାରୀ କାର୍ଯ୍ୟ କରୁଥିଲେ। ବିଭିନ୍ନ କ୍ଷେତ୍ରରେ ୫ହଜାରରୁ ଉର୍ଦ୍ଧ୍ୱ ଲୋକ କର୍ମନିଯୁକ୍ତି ପାଉଥିଲେ। କମ୍ପାନୀର ମୁଖ୍ୟ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବାକୁ ଦିଲ୍ଲୀ ଯାଇଛନ୍ତି। ସେଠାରେ ରାଜ୍ୟ ସରକାରଙ୍କ ଅଧିକାରୀମାନେ ମଧ୍ୟ ଯୋଗଦେବେ। ଏହି ବୈଠକ ସଫଳ ହେଲେ କାରଖାନା ଚାଲିବା ନେଇ ବାଟ ଫିଟିବ ବୋଲି କୁହାଯାଉଛି।

# ଷ୍ଟେଶନେରି ଗୋଦାମରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି

ବ୍ରହ୍ମପୁର ଅଫିସ,୨୬।୮

ବ୍ରହ୍ମପୁର ସହର ବଡବଜାରରେ ଥିବା ଏକ ଷ୍ଟେସନେରି ଗୋଦାମରେ ବୁଧବାର ସକାଳେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବିଭିନ୍ନ ପ୍ରକାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଶର୍ଟସର୍କିଟରୁ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିବା ନେଇ ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଥିବା ଗୋଦାମ ମାଲିକ କେ.ପ୍ରଦୀପ ପାତ୍ର(ଟୁନା) କହିଛନ୍ତି।

ଘଟଣାରୁ ପ୍ରକାଶ, ବ୍ୟବସାୟୀ ଟୁନା ସିଜନାଲ ବେପାର କରନ୍ତି। ବାହାଘର ଡେକୋରେଶନଠାରୁ ଆରମ୍ଭ କରି ହୋଲି, ଗଣେଶ ପୂଜା ଓ ଦୁର୍ଗା ପୂଜା ଭଳି ବିଭିନ୍ନ ପର୍ବ ପର୍ବାଣୀ ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ବିକ୍ରି କରନ୍ତି। ଏଥିପାଇଁ ସେ ବଡବଜାରରେ ଘର ଭଡା ନେଇ ଗୋଦାମ କରି ସେଠାରେ ସମସ୍ତ ପ୍ରକାର ସାମଗ୍ରୀ ମହଜୁଦ ରଖୁଥିଲେ। ମଙ୍ଗଳବାର ରାତିରେ ସେ ଗୋଦାମ ବନ୍ଦ କରିଥିଲେ। ଭିତରେ ୨ ଜଣ ଶ୍ରମିକ ଶୋଇଥିବା ବେଳେ ବୁଧବାର ସକାଳେ ଗୋଦାମ ଭିତରୁ ନିଆଁ ବାହାରୁଥିବା ଦେଖି ସେମାନେ ବାହାରକୁ ଚାଲି ଆସିଥିଲେ। ପରେ ମାଲିକ ଟୁନାଙ୍କୁ ସେମାନେ ଖବର କରିଥିଲେ। ଅନ୍ୟପଟେ ଅଗ୍ନିକାଣ୍ଡର ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ୩ ମହଲା ବିଶିଷ୍ଟ ଗୋଦାମ ଗୃହରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ସହକାରୀ ଅଗ୍ନିଶମ ଅଧିକାରୀ ମହାପାତ୍ର କହିଛନ୍ତି।


ଷ୍ଟେଶନେରି ଗୋଦାମରେ ନିଆଁ ଲାଗିଛି।

# ସାଉଥ୍‌କୋ କର୍ମଚାରୀଙ୍କୁ ଆକ୍ରମଣ

ମାଲକାନଗିରି,୨୬।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସାଉଥ୍‌କୋ କାର୍ଯ୍ୟାଳୟର କର୍ମଚାରୀଙ୍କୁ ମାଡ ମାଡ ମରାଯାଇଥିବା କନିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ଶତପଥୀ ବୁଧବାର ମାଲକାନଗିରି ଥାନାରେ ଅଭିଯୋଗ କରଛନ୍ତି। ମାଲକାନଗିରି ସଦର ବ୍ଲକ ଏମ୍.ଭି.-୭ ଗ୍ରାମକୁ ସାଉଥ୍‌କୋର ୨ଜଣ କର୍ମଚାରୀ ଗୌରହରି ସାମଲ ଓ ଶିବ କୁମାର ପାତ୍ର ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ଯାଇଥିଲେ। ସେହି ଗ୍ରାମର ଦିପଙ୍କର ବାଲା ବିଦ୍ୟୁତ୍ ବିଲ୍ ନ ଦେବାରୁ କର୍ମଚାରୀମାନେ ତାଙ୍କର ବିଦ୍ୟୁତ୍ କାଟି ଦେଇଥିଲେ। ଏନେଇ ବାଲା କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଏକ କାଠଆଣି ଶିବଙ୍କୁ ପିଟିଥିଲେ। ତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଶିବଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଛି।

# 'ମୁଁ ବି ବଞ୍ଚିବାକୁ ଚାହେଁ କାର୍ଯ୍ୟକ୍ରମ'

ବ୍ରହ୍ମପୁର ଅଫିସ,୨୬।୮



ସବୁଜ ବାହିନୀର ସଦସ୍ୟମାନେ।

ପରିବେଶ ସୁରକ୍ଷା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି। ବିନା କାରଣରେ ଗଛ କାଟିବାକୁ କଟକଣା ଜାରି କରାଯାଇଛି। ପରିବେଶବତ୍ ମାନେ ଗଛ ଲଗାଅ ଓ ଜୀବନ ବଞ୍ଚାଅ ନାରା ଦେଇ କାର୍ଯ୍ୟ କରି ଚାଲିଛନ୍ତି। ଏହି ଧାରାରେ କୁକୁଡାଖଣ୍ଡି ବ୍ଲକ ପ୍ରସିଦ୍ଧ ଶକ୍ତିପୀଠ ମା' ମହୁରୀ କାଳୁଆଙ୍କ ପୀଠରେ ବ୍ରହ୍ମପୁର ସବୁଜ ବାହିନୀ ତରଫରୁ ବୃକ୍ଷ ସୁରକ୍ଷା ଅଭିଯାନ 'ମୁଁ ବି ବଞ୍ଚିବାକୁ ଚାହେଁ' ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସଂସ୍ଥା ପକ୍ଷରୁ ପିଜୁଳି,ବାହାଡା, ସାହାଡା, ନରକୋଳି, ବେଲ ଓ ଗୁଆ ଆଦି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏଥି ସହିତ ମନ୍ଦିର ଚର୍ତୁପାର୍ଶ୍ୱରେ ଥିବା ବୃକ୍ଷଗୁଡିକରୁ ବ୍ୟାନର,ପୋଷ୍ଟର, ଲୁହାତାର, ଲୁହାକଣ୍ଟା ବାହାର କରାଯାଇଥିଲା। ବୃକ୍ଷର ମଧ ଜୀବନ ଅଛି ଏଭଳି କଣ୍ଟା,ଲୁହା ତାର ମାରିବା ଦ୍ୱାରା ତାର ଆୟୁକ୍ଷୟ ହେଉଛି ବୋଲି ସ୍ଥାନୀୟ ଲୋକଙ୍କୁ ପରିବେଶବିତ୍‌ମାନେ କହିଥିଲେ। ଏଥିରେ ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ,ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ଦୀପକ ପାତ୍ର, ବନମାଳୀ ପ୍ରଧାନ, ସନିଆ ଗୌଡ,ଏମ୍.ପ୍ରକାଶ ଓ ଶିବରାମ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

